## ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା

# ସୁବ୍ରତ ଏବଂ ରାଜକିଶୋରଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନ




**ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା ହୋଇଛି । ଓଡ଼ିଶାର ସୁବ୍ରତ ସେନାପତି ଏବଂ ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯିବ । 'କଦମ୍ବ ବନ' ପାଇଁ ଯୁବ ଲେଖକ ସୁବ୍ରତ କୁମାର ସେନାପତି ଏବଂ 'କେତେ ଫୁଲ ଫୁଟିଛି' ବହି ପାଇଁ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ୨୦୨୫ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ ପୁରସ୍କାର ପାଇବେ ବୋଲି ସୂଚନା ମିଳିଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ କାର୍ଯ୍ୟନିର୍ବାହୀ ବୈଠକର ନିଷ୍ପତ୍ତି କ୍ରମେ ୨୦୨୫ ବର୍ଷ ପାଇଁ ଏକାଡେମୀ ଯୁବ ଏବଂ ବାଲ ପୁରସ୍କାର ଘୋଷଣା କରାଯାଇଛି । ଉଭୟ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା, ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଯୁବ ପୁରସ୍କାର ଚୂଡ଼ାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ଯଶୋଧାରା ମିଶ୍ର, ରବି ସ୍ୱାଇଁ, ସୁଭାଷ ଶତପଥି ଏବଂ ବାଲ ପୁରସ୍କାର ଚୂଡ଼ାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଏବଂ ରାମଚନ୍ଦ୍ର ନାୟକ ପ୍ରମୁଖ ଥିଲେ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସ ସୂଚନା ଦେଇଛନ୍ତି। ଏକାଡେମୀ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଉଭୟ ମନୋନୀତ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ । ପୁରସ୍କାର ଘୋଷଣା ପରେ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର *(ପୃଷ୍ଠା ୭ରେ)*

---

## ସୁବ୍ରତ ଏବଂ ରାଜକିଶୋରଙ୍କୁ...

ସୁଅ ଛୁଟିବାରେ ଲାଗିଛି। ୨୦୨୫ ବର୍ଷ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ରାଜକିଶୋର ପାଢ଼ୀଙ୍କ ପୁସ୍ତକ ଓ ଯୁବ ପୁରସ୍କାର ପାଇଁ ସୁବ୍ରତ କୁମାର ସେନାପତିଙ୍କ ପୁସ୍ତକ ମନୋନୀତ ହୋଇଥିବାରୁ ଉଭୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ୨୦୨୫ ବର୍ଷ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ରାଜକିଶୋର ପାଢ଼ୀଙ୍କ 'କେତେ ଫୁଲ ଫୁଟିଛି' ଓ ଯୁବ ପୁରସ୍କାର ପାଇଁ ସୁବ୍ରତ କୁମାର ସେନାପତିଙ୍କ 'କଦମ୍ବ ବନ' ପୁସ୍ତକ ମନୋନୀତ ହୋଇଥିବାରୁ ଉଭୟଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ସଫଳତା କେବଳ ଆପଣମାନଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ମଧ୍ୟ ଗର୍ବ ଓ ଗୌରବର ବିଷୟ । ଆଗାମୀ ଦିନରେ ନିଜ ସୃଷ୍ଟି ଦ୍ୱାରା ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଆହୁରି ସମୃଦ୍ଧ କରନ୍ତୁ ।